Roll No. | | | | | | |

# SAMPLE QUESTION PAPER, 2021-22
## Term-II Examination
## Class-XII
## ODIA (Code-113)

*Time Allowed : 2 Hours.* *Maximum Marks: 40*

General Instructions:-
- Please check that this question paper contains 2 printed pages.
- Please check that this question paper contains 9 questions.
- The question paper consists of 3 parts.
- PART – A : **Writing** 10 marks
- PART – B : **Grammar** 10 marks
- PART – C : **Literature** 20 marks

## PART - A

1. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ। (200 ରୁ 250 ଶବ୍ଦ ମଧ୍ୟରେ) (1 x 5=5)
   - i. ଗଣମାଧ୍ୟମ ଓ ଆଜିର ସମାଜ
   - ii. ସମଗ୍ର ବିଶ୍ୱର ଆତଙ୍କ ମହାମାରୀ କରୋନା
   - iii. ସ୍ୱଚ୍ଛ ଭାରତ ଅଭିଯାନ

2. ତୁମ ଅଞ୍ଚଳରେ ବ୍ୟାପିଥିବା 'ଡେଙ୍ଗୁ'- ଜ୍ୱରର ପ୍ରତିକାର ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟକୁ ଏକ ଦରଖାସ୍ତ ଲେଖ। (1 x 5=5)

   କିମ୍ବା

   ତୁମ ଅଞ୍ଚଳ ବନ୍ୟା ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାରୀ ସ୍ତରରୁ କିଛି ସାହାଯ୍ୟ ପହଞ୍ଚି ପାରି ନାହିଁ। ଏ ବିଷୟରେ ଦୃଷ୍ଟି ଆକର୍ଷଣ କରି ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଏକ ଦରଖାସ୍ତ ଲେଖ।

## PART – B

3. ବାକ୍ୟରେ ଦିଆଯାଇଥିବା ରେଖାଙ୍କିତ ଶବ୍ଦର ଭ୍ରମ ସଂଶୋଧନ କର। ଯେକୌଣସି 3ଟି ବାକ୍ୟର) (3 x 2=6)
   - i. ଭୁବନେସ୍ୱର ମନ୍ଦିରମାଳିନି ନଗରୀ ଅଟେ।
   - ii. ସୁଧାଂସୁବାବୁ ସବୁବେଳେ ଉଦାସିନ ଥାଆନ୍ତି।
   - iii. ସଶିଭୂଷଣବାବୁ ଧୂମ୍ରପାନ ଠାରୁ ଦୂରେଇ ରହନ୍ତି।
   - iv. ମଧୁସୁଦନ ଜଳପଥରେ କଲିକତାକୁ ଯାତାୟତ କରୁଥିଲେ।
   - v. ଦିପ୍ତି ମା'ଙ୍କ ଆଶୀଷ ନେଇ ପରୀକ୍ଷା ଦେବାକୁ ଗଲା।

4. ଏକପଦରେ ପ୍ରକାଶ କରି ଉକ୍ତ ଏକ ପଦକୁ ବାକ୍ୟରେ ବ୍ୟବହାର କର। (ଯେ କୌଣସି 2ଟିର) (2 x 2=4)
   - i. ମୂଳଠାରୁ ଚୂଳ ପର୍ଯ୍ୟନ୍ତ

***

ii. ଅନ୍ୟ ଆଡ଼େ ମନ ଯାହାର

iii. ସୁମିତ୍ରାଙ୍କ ପୁତ୍ର

iv. ପୂଜାର ଯୋଗ୍ୟ

## PART – C

5. ସପ୍ରସଙ୍ଗ ସରଳାର୍ଥ ଲେଖ । (1 x 4 = 4)

ଘନ, ତୁ ଦେଖି ସ୍ତମ୍ଭିତ ହେବୁ ଯେ ଉତ୍କଳବାସୀ ଭାଗୀରଥୀ ତୀରରେ ବସି ପିପାସୀ ଓ ରତ୍ନସ୍ତୂପରେ ବସି ଉପବାସୀ ହୋଇଛି ।

କିମ୍ବା

ଗଣଶିକ୍ଷା ଓ ଗଣ ଚେତନାର ଅଭାବ ଥିବା ଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର ।

6. ଯେ କୌଣସି 2ଟି ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । (2 x 2 = 4)

i. ଜଳଦ କ'ଣ ଶୁଣି ଓ କ'ଣ ଦେଖି ବନବାସୀମାନଙ୍କ ଗ୍ରାମର ସୀମା ଜାଣି ପାରିବେ ?

ii. ଯେଉଁଠି ଶିକ୍ଷିତ ଭୋଟଦାତାମାନେ ଉଦାସୀନ ସେଠାରେ କ'ଣ ହେବ ?

iii. ମୂକ ମନ୍ଦିର କୋଣାର୍କର ମୁଖ ଫିଟିଲେ କ'ଣ ହୁଅନ୍ତା ?

iv. ଗଣତନ୍ତ୍ର ଶାସନରେ କେଉଁ କଥା କଳ୍ପନା କରାଯାଇ ନପାରେ ?

7. ସପ୍ରସଙ୍ଗ ସରଳାର୍ଥ ଲେଖ । (1 x 4 = 4)

ଆହା, ପ୍ରିୟଜନ ବିରହ କି ଦାରୁଣ କଷଣ
ପ୍ରୀତି ପାଶେ ବନ୍ଧା ଜଗତେ ସର୍ବ ଜଡ଼ ଚେତନ ।

କିମ୍ବା

ସରଗର ମୁହିଁ ଅମର-କନ୍ୟା; ମୁହିଁ ନାରୀ; ମୁହିଁ ଦେବୀ
ପୁଣ୍ୟ ମରତେ ପତିତା ସାଜିଲି ଘୃଣ୍ୟ ଜୀବନ ସେବି ।

8. ଯେ କୌଣସି 2 ଟି ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । (2 x 2 = 4)

i. "ଅଚିରେ ଫେରିବି ଧନି ! ନୁହ କାତର''– ଏ କଥା କିଏ କାହାକୁ କହିଛନ୍ତି ?

ii. ପିଙ୍ଗଳାର ମନରେ କାହିଁକି ବୈରାଗ୍ୟ ଭାବ ଜାତ ହେଲା ?

iii. ସିପାହିକୁ କବି କାହିଁକି ବନ୍ଦୀଶାଳାର ଦ୍ୱାରରେ ଚାବି ନଦେବା ପାଇଁ ଅନୁରୋଧ କରିଥିଲେ ?

iv. ପିଙ୍ଗଳା କାହିଁକି ନିଜକୁ ସର୍ପିଣୀ ବୋଲି କହିଛି ?

9. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । 1 x 4 = 4)

i. 'ରୂପ ନାରାୟଣ ସାହା' ଗଳ୍ପ ଅବଲମ୍ବନରେ ଗଙ୍ଗାରେ ଅଶୋକର ନୌକାଯାତ୍ରା ସଂପର୍କରେ ଆଲୋଚନା କର ।

ii. "ପତାକା ଉତ୍ତୋଳନ' ଗଳ୍ପ ଆଧାରରେ ସ୍ୱାଧୀନତା ଆନ୍ଦୋଳନରେ ଅରୁଣର ଭୂମିକା ଆଲୋଚନା କର ।

iii. ନୂଆ ଜମିଦାରଙ୍କ ବିବାହ ସଂପର୍କରେ 'ସଭ୍ୟ ଜମିଦାର' ଗଳ୍ପ ଅନୁସରଣରେ ଆଲୋଚନା କର ।

***